# ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

**ଶ୍ୟାମସୁନ୍ଦରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ୨୨୪ ଛାତ୍ରୀଛାତ୍ରଙ୍କ ପାଇଁ ୩ ଶ୍ରେଣୀଗୃହ
- ବିଇଓଙ୍କ ଅନୁଧାନ ପରେ ବି ଫଳ ଶୂନ

ତିହିଡ଼ି,୨୩।୭(ସଞ୍ଜିତ ବଳ)

ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବାକୁ ସରକାରୀସ୍ତରରେ ଉଦ୍ୟମ କରାଯାଉଛି। ମାତ୍ର ତିହିଡ଼ି ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ୟାମସୁନ୍ଦରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲରେ ଶ୍ରେଣୀଗୃହର ଅଭାବ ଯୋଗୁ ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢ଼ିବା ସରକାରୀ ଯୋଜନାକୁ ପରିହାସ କରୁଛି। ଏପରି କି ୬ ମାସ ପୂର୍ବେ ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ) ସ୍କୁଲକୁ ଯାଇ ଅନୁଧାନ କରିବା ପରେ ମଧ୍ୟ କୌଣସି ଫଳ ନ ମିଳିବା ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟି(ଏସ୍ଏମ୍ସି) ସଦସ୍ୟଙ୍କୁ ବ୍ୟଥିତ କରିଛି।

ପ୍ରକାଶ ଯେ, ଶ୍ୟାମସୁନ୍ଦରପୁର ସ୍କୁଲରେ ୮ମ ପର୍ଯ୍ୟନ୍ତ ଶ୍ରେଣୀରେ ୨୨୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସ୍କୁଲ ଗୃହ ପକ୍କା ହୋଇଥିବା ବେଳେ କାର୍ଯ୍ୟାଳୟ ବାଦ୍ ୫ ଶ୍ରେଣୀଗୃହ ରହିଛି। ତନ୍ମଧ୍ୟରୁ ୨ ଶ୍ରେଣୀଗୃହ ଭାଙ୍ଗିରୁଜି ବିପଦସଙ୍କୁଳ ଅବସ୍ଥାରେ ପଡ଼ିଛି। ଉକ୍ତ ଗୃହରେ ଶିକ୍ଷାଦାନ ସମ୍ଭବ ନୁହେଁ। ବିଗତ ୨ବର୍ଷ ହେଲା ଏପରି ପରିସ୍ଥିତି ଉପୁଜିଥିବାରୁ ସ୍କୁଲରେ ଶିକ୍ଷାଦାନରେ ସମସ୍ୟା ଉପୁଜିଛି। ଏତେ ସଂଖ୍ୟକ ପିଲାଙ୍କୁ ୩ ଶ୍ରେଣୀଗୃହରେ ଶିକ୍ଷାଦାନ କରିବା ସମ୍ଭବପର ହେଉନାହିଁ। ଫଳରେ ପ୍ରଥମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ବସାଇ ଶିକ୍ଷାଦାନ କରିବାକୁ ବାଧ ହେଉଥିବା ସହକାରୀ ଶିକ୍ଷକ ବିଷ୍ଣୁମୋହନ ଦାସ ପ୍ରକାଶ କରିଛନ୍ତି। ଅବଶିଷ୍ଟ ୫ ଶ୍ରେଣୀର ପିଲାଙ୍କୁ ୩ଟି ଶ୍ରେଣୀଗୃହରେ ବସାଇ ପାଠ ପଢ଼ାଇବା ମଧ୍ୟ କଷ୍ଟସାଧ ହୋଇଛି। ବର୍ଷାଦିନ ହୋଇଥିବାରୁ ବାରଣ୍ଡାରେ ବସି ପଢୁଥିବା ପିଲାଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଅଭିଭାବକ ଓ ଏସ୍ଏମ୍ସିର କର୍ମକର୍ତ୍ତାମାନେ ଏ ସମ୍ପର୍କରେ ଜିଲାପାଳ, ବିଇଓଙ୍କୁ ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ପରେ ତତ୍କାଳୀନ ବିଇଓ ମଧୁସୂଦନ ସେଣ୍ଠ ସ୍କୁଲକୁ ଯାଇ ପରିସ୍ଥିତି ଅନୁଧାନ କରିଥିଲେ। ମାତ୍ର ଅଦ୍ୟାବଧି ବିପଦସଙ୍କୁଳ ଗୃହକୁ ମରାମତି କରାଯିବା କିମ୍ୱା କୌଣସି ବିକଳ୍ପ ବ୍ୟବସ୍ଥା ନିଆ ନ ଯିବା ପରିତାପର ବିଷୟ ହୋଇଛି। କୋମଳମତି ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଏବିଇଓ ରତ୍ନାକର ସାହୁଙ୍କୁ ପଚାରିବାରୁ ସ୍କୁଲର ଏପ୍ରକାର ଅବସ୍ଥା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯିବ ବୋଲି କହିଛନ୍ତି।



ବାରଣ୍ଡାରେ ବସିଥିବା ଛାତ୍ରୀଛାତ୍ର।

# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୨୩।୭(ରବିନାରାୟଣ ଖିଲାର/ସନାତନ ରାଉତ)

ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସାମାଜିକ ସୁରକ୍ଷା, ଆଶାକର୍ମୀ, ପାଚିକା, ସହାୟିକାଙ୍କ ଭଳି ସବୁ କ୍ଷେତ୍ରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ ଇଏସ୍ଆଇ, ଇପିଏଫ୍ ପରିସରଭୁକ୍ତ କରିବା ପାଇଁ ଭାରତୀୟ ମଜଦୁର ସଂଘ ସବୁବେଳେ ଆନ୍ଦୋଳନ କରିଆସିଛି। ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି ବୋଲି ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ସଂଘର ଜିଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ଉପସଭାପତି ଶାନ୍ତନୁ କୁମାର ମହାପାତ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଉପସଭାପତି ବିଜୟ ମିଶ୍ର, ଅନ୍ୟତମ ଅତିଥି ଭାବେ ରାଜ୍ୟ ବିଶ୍ୱକର୍ମା ମଜଦୁର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ସାହୁ, ଆଶାକର୍ମୀ ସଂଘ ଜିଲା ସମ୍ପାଦିକା ସଞ୍ଜୁଲତା ରାଉତ, ଭାରତୀୟ ମଜଦୁର ସଂଘ ଜିଲା ଉପସଭାପତି ବସନ୍ତ କୁମାର ରାଉତ, ବିଏମ୍ଏସ୍ ଜିଲା ସମ୍ପାଦକ ପରେଶ ନାଥ ଧଳ, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ଜିଲା ସଭାନେତ୍ରୀ ଜୟନ୍ତୀ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନୀତ କରାଯାଇଥିଲା। ସଂଘ ପକ୍ଷରୁ ଆଗାମୀ ଦିନରେ ସଂଘ ସହ ଅନୁବନ୍ଧିତ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଅଗଷ୍ଟ ମାସରେ ରକ୍ତଦାନ, ଚାରାରୋପଣ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ, ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲା ବ୍ୟବସାୟୀ ମଜଦୁର ସଂଘ, ଭଦ୍ରକ ଜିଲା ଅଟୋ ଚାଳକ ସଂଘ, ଧାମରା ଟ୍ରକ ଚାଳକ ସଂଘ, ଧାମରା ପୋର୍ଟ ଇଞ୍ଜିନିୟର୍ସ ଆଣ୍ଡ ଆମ୍ପ୍ଲୋଇଜ୍ ଆସୋସିଏଶନ, ପାଚିକା ସହାୟିକା ମଜଦୁର ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ଭଳି ବିଭିନ୍ନ ସଙ୍ଗଠନର ଶତାଧିକ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ।

## କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ



କଲେଜର ପରିତ୍ୟକ୍ତ ସାମଗ୍ରୀ ବୋଝେଇ ହୋଇଥିବା ଗାଡ଼ି।

ଭଦ୍ରକ,୨୩।୭(ସନାତନ ରାଉତ)

ଭଦ୍ରକ ଜିଲା ଆଗରପଡ଼ା କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦୁର୍ନୀତି ଓ ଅନୈତିକ କାର୍ଯ୍ୟ ସମ୍ବନ୍ଧରେ ଛାତ୍ରୀଛାତ୍ର, ଅଭିଭାବକ, ଜନପ୍ରତିନିଧି ଏବଂ ଅଞ୍ଚଳର ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପଠାଇଛନ୍ତି। ଉକ୍ତ କଲେଜରେ ୧୮୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଗତ ୩ ମାସ ଧରି ଭାରପ୍ରାପ୍ତ ଅଧ୍ୟକ୍ଷ ଅଧ୍ୟାପିକା, ଅଧ୍ୟାପକଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିବା, ମନମୁଖୀ କାର୍ଯ୍ୟ କରିବା, କଲେଜର ପରିତ୍ୟକ୍ତ ଲୁହା ଓ କାଠ ସାମଗ୍ରୀକୁ ମନଇଚ୍ଛା ବିକ୍ରି କରି ଅର୍ଥ ଆତ୍ମସାତ୍ କରିବା ଆଦି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। କଲେଜର ଶୈକ୍ଷିକ ପରିବେଶ ନଷ୍ଟ ହେବା ସହ କଲେଜ ପରିଚାଳନାରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବଦଳି କରିବା କିମ୍ୱା ନିଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ଉଚ୍ଚଶିକ୍ଷା ମନ୍ତ୍ରୀ, ଏମ୍ପି, ଭଣ୍ଡାରିପୋଖରୀ ବିଧାୟକ, ଉପଜିଲାପାଳ ପ୍ରମୁଖଙ୍କୁ ଅଭିଯୋଗପତ୍ର ପଠାଇଛନ୍ତି। ଜିଲା ପରିଷଦ ସଭ୍ୟା ରୁନୀତା ଦାସ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହିଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ, ଅଭିଭାବକ, ଛାତ୍ରୀଛାତ୍ରମାନଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଗତ କିଛିଦିନ ତଳେ କଲେଜର କିଛି ପରିତ୍ୟକ୍ତ ସାମଗ୍ରୀକୁ ଅଧ୍ୟକ୍ଷ ବିକ୍ରି କରି ଦେଇଥିବାରୁ ଏହି ବିବାଦ ଦେଖାଦେଇଛି।

# ଜବରଦଖଲ ଉଚ୍ଛେଦ

**ଘରୁ ବାହାରିବାକୁ ରାସ୍ତା ପାଉ ନ ଥିଲେ ପରିବାର**

ତିହିଡ଼ି,୨୩।୭(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ତହସିଲ ଦୌଲତପୁର ପଞ୍ଚାୟତ ଅଧୀନ ଦୌଲତପୁର ବାରିକ ସାହିରେ ଏକ ସର୍ବସାଧାରଣ ରାସ୍ତାରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ହୋଇଛି। ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ଅବରୋଧ ସ୍ଥଳରେ ଥିବା ବିଭିନ୍ନ ପ୍ରକାର ଗଛକୁ ସଫା କରାଯାଇ ରାସ୍ତାକୁ ମୁକ୍ତ କରାଯାଇଛି। ପ୍ରଶାସନର ଏହି ପଦକ୍ଷେପ ପରେ ଘରୁ ବାହାରିବାରେ ସମସ୍ୟା ଭୋଗୁଥିବା ଗୋଟିଏ ପରିବାରକୁ ରାସ୍ତା ମିଳିଥିବା ବେଳେ ଗ୍ରାମବାସୀଙ୍କ ପାଇଁ କ୍ଷେତକୁ ଯିବା ସହଜ ସାଧ୍ୟ ହୋଇଥିବା ଜଣାପଡ଼ିଛି।

ତହସିଲ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ, ଦୌଲତପୁର ମୌଜାର ଖାତା ନଂ. ୩୭୫, ପ୍ଲଟ ନଂ. ୯୪୪ରେ ୨୮ ଡେସିମିଲ ସର୍ବସାଧାରଣ କିସମ ରାସ୍ତାକୁ ଅବରୋଧ କରାଯାଇଥିଲା। ଗ୍ରାମର ଶେଷଭାଗରେ ଥିବା ଏହି ରାସ୍ତାକୁ ଅବରୋଧ କରାଯାଇ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଯାହାଦ୍ୱାରା ରାସ୍ତା ପାର୍ଶ୍ୱରେ ଥିବା ଦେବକୀ ବାରିକଙ୍କ ପରିବାର ସଦସ୍ୟ ଘରୁ ବାହାରିବା ନେଇ ସମସ୍ୟା ଭୋଗୁଥିଲେ। ଏହାଛଡ଼ା ଗ୍ରାମ ରାସ୍ତାର ଅପରପାର୍ଶ୍ୱରେ ଥିବା କ୍ଷେତକୁ ଯିବା ମଧ୍ୟ ଗ୍ରାମବାସୀଙ୍କ ପକ୍ଷେ ସମ୍ଭବପର ନ ଥିଲା। ଦେବକୀ ଏ ସମ୍ପର୍କରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ନମିତା ଧଳ, ପିରହାଟ ଥାନା ଏସ୍ଆଇ ଚମ୍ପାବତୀ ମାରାଣ୍ଡି, ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ, ରାଜସ୍ୱ ନିରୀକ୍ଷକ ମୀନକେତନ ଦାସ, ଅମିନ ଜାକିର ହୋସେନ ପ୍ରମୁଖ ଅବରୋଧମୁକ୍ତ ବେଳେ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ବାପାଙ୍କ ସ୍ମୃତିରେ ମେଧାବୃତ୍ତି ସମ୍ମାନ ପ୍ରଦାନ

ଭଦ୍ରକ,୨୩।୭(ସନାତନ ରାଉତ)

ଭଦ୍ରକ ଚରମ୍ପାର ଅନନ୍ତ ପ୍ରସାଦ ନାୟକ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁଅ ଜ୍ୟୋତିରଞ୍ଜନ ନାୟକ ମେଧାବୃତ୍ତି ସମ୍ମାନ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଅନନ୍ତ ପ୍ରସାଦ ଏକାଧାରରେ ଜଣେ ଆଦର୍ଶ ପ୍ରଧାନଶିକ୍ଷକ, ସୁସଂଗଠକ, ସାହିତ୍ୟିକ ଥିଲେ। ତାଙ୍କ ସ୍ମୃତିରେ ବାସୁଦେବପୁର ବ୍ଲକ୍ ସୁଗୋଠାରେ ଏକ କୋଚିଂ ସେଣ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫୁଲ୍ଲ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷକ ଘନଶ୍ୟାମ ବାରିକ୍, ଅନ୍ୟତମ ଅତିଥିଭାବେ ମୁକ୍ତିକାନ୍ତ ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆ, ବୁଦ୍ଧିଜୀବୀ ଭଗବାନ ନାୟକ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଚଳିତ ମାଟ୍ରିକ୍ ପରୀକ୍ଷାରେ ୯୪ ପ୍ରତିଶତ ନମ୍ବର ରଖିଥିବା ଛାତ୍ରୀ ଜୟସ୍ମିତା ଜେନାଙ୍କୁ ଅନନ୍ତ ପ୍ରସାଦ ନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରିବା ସହ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନନ୍ତ ପ୍ରସାଦଙ୍କ ସ୍ତ୍ରୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାଳତୀଲତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




ଛାତ୍ରୀ ଜୟସ୍ମିତାଙ୍କୁ ସମ୍ମାନିତ କରାଯାଉଛି।

# ସ୍ମୃତିଚାରଣ ସଭା

ଭଣ୍ଡାରିପୋଖରୀ,୨୩।୭(ରାଜେନ୍ଦ୍ର ଶତପଥୀ)

ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ ନେତା ତଥା ସର୍ବୋଦୟ ମଣ୍ଡଳର ଆଜୀବନ ସଭ୍ୟ ଶିବପ୍ରସାଦ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ନପଙ୍ଗ ପଞ୍ଚାୟତ ବଡ଼ ନପଙ୍ଗ ଗ୍ରାମରେ ମଙ୍ଗଳବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ପ୍ରୀତିକାନ୍ତ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ଡ. କ୍ଷୀରୋଦ କୁମାର ସାମଲ, ମୁଖ୍ୟ ବକ୍ତାଭାବେ ସର୍ବୋଦୟ ମଣ୍ଡଳ ସଦସ୍ୟ କରୁଣାକର ମହାନ୍ତି, ଅନ୍ୟତମ ଅତିଥିଭାବେ ଭଦ୍ରକ ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ, ସାହିତ୍ୟିକ ଗୋଲଖ ଚନ୍ଦ୍ର ମହାନ୍ତି, ଭଦ୍ରକ ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଦେବୀ ପ୍ରସାଦ ପାଣିଗ୍ରାହୀ, ଅଶୋକ ଦାସ, ନପଙ୍ଗ ସରପଞ୍ଚ ସୁଭାଷିନୀ ନାୟକ, ବିନୋଦ ମହାପାତ୍ର, ନୃସିଂହ ଚରଣ ସାମଲ, ନବକିଶୋର ପରିଡ଼ା, ସୁଧୀର ସାହୁ, ଗୋପୀନାଥ ମହାନ୍ତି, ପ୍ରମୋଦ ମିଶ୍ର, ହରେକୃଷ୍ଣ ପାଣଗ୍ରାହୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ଗୁଣଗାନ କରିଥିଲେ। ବଡ଼ ପୁଅ କରୁଣାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ରତ୍ନାକର ଜେନା, କୃଷ୍ଣଚନ୍ଦ୍ର ଜେନା, ଦେବାନନ୍ଦ ଜେନା ସହଯୋଗ କରିଥଲେ।

# ସ୍ୱଚ୍ଛ ସାଥୀ, ସୁପରଭାଇଜର ସଂଘ ପକ୍ଷରୁ ବିକ୍ଷୋଭ




ବିକ୍ଷୋଭ ପ୍ରଦର୍ଶନ କରୁଥିବା ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନେ।

ଭଦ୍ରକ,୨୩।୭(ସନାତନ ରାଉତ)

ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଏନ୍ଏସି, ଧାମନଗର ଏନ୍ଏସିରେ ନିୟୋଜିତ ସ୍ୱଚ୍ଛସାଥୀ ଓ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବର୍ଦ୍ଧିତ ଦରମା ସମେତ ଅନ୍ୟାନ୍ୟ ଦାବି ପୂରଣ ନେଇ ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘ ପକ୍ଷରୁ ମଙ୍ଗଳବାର ଭଦ୍ରକ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଘୋଷିତ ବର୍ଦ୍ଧିତ ଦରମା ସ୍ୱଚ୍ଛସାଥୀଙ୍କର ୪ରୁ ୮ ହଜାର ଓ ସୁପରଭାଇଜର ମାନଙ୍କର ୮ରୁ ୧୨ ହଜାର ଟଙ୍କା ବିନା ସର୍ତ୍ତରେ ନିର୍ଦ୍ଦେଶନାମା ଜାରି ହେବାଠାରୁ ପ୍ରଦାନ କରିବା, କାର୍ଯ୍ୟରତ ସମସ୍ତ ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ନିୟମିତ ନିଯୁକ୍ତି ସହିତ ନିଯୁକ୍ତିପତ୍ର ପ୍ରଦାନ ଆଦି ୧୦ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସୁପରଭାଇଜର ସ୍ୱାଗତିକା ପରିଡ଼ା, ଚିନ୍ମୟୀ ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ରାୟ, ତରନୁମ୍ ପରୱିନ, ସୁପ୍ରିୟା ସାହୁ, ସଂଘମିତ୍ରା ଜେନା, ସଂଜିତା ଦାସ, ସନ୍ତୋଷୀ ଲେଙ୍କା, ନର୍ଗିସ୍ ଜାହାଁ, ମନୋରମା ମାଝୀ, ଗୌରୀଲତା ମହାନ୍ତି, ସସ୍ମିତା ମହାପାତ୍ର, ମର୍ଜିନା ବାନୋ, ଶିବାନୀ ରାଉଳ, ଝରଣା ଜେନା, ରଞ୍ଜୁଲତା ଷେଣ୍ଢ, ରଶ୍ମିତା ନାୟକ, ବର୍ଷା ମହାପାତ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# ପ୍ରଶାସନ ଦ୍ୱାରା ଚିହ୍ନଟ ବାଉଁଶ ଓପାଡ଼ିଦେଲେ ଜବରଦଖଲକାରୀ

**ଗ୍ରାମବାସୀଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି**

ତିହିଡ଼ି,୨୩।୭(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ତହସିଲ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଉପରଦୁମୁକା ଗ୍ରାମରେ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ସରକାରୀ ଜାଗା ଚିହ୍ନଟ କରାଯାଇଥିଲା। ମାତ୍ର ଜବରଦଖଲକାରୀମାନେ ଏହାକୁ ନ ମାନି ପ୍ରଶାସନର ଚିହ୍ନ ସ୍ୱରୂପ ବାଉଁଶକୁ ଓପାଡ଼ି ଫିଙ୍ଗି ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ସୋମବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ଉପରଦୁମୁକା ମୌଜାର ଖାତା ନଂ. ୪୭୦ ପ୍ଲଟ, ନଂ ୧୦୬୬/୨୫୮୦ ରେ ୩୮ ଡେସିମିଲ ସରକାରୀ ରାସ୍ତା(କେନାଲ ଆଡ଼ି)ରେ ଗ୍ରାମବାସୀ ଯାତାୟାତ କରୁଥିଲେ। ଗ୍ରାମର ୨ ଜଣ ବ୍ୟକ୍ତି ଏହି ରାସ୍ତାରେ ବାଡ଼ ପୋତି ଜବରଦଖଲ କରିଥିଲେ। ଗ୍ରାମର ଚକ୍ରଧର ସାହୁ ଏ ସମ୍ପର୍କରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ଜବରଦଖଲକାରୀଙ୍କ ବିରୋଧରେ ଅବରୋଧ ମାମଲା (ନଂ ୭୩/୨୪)ରୁଜୁ ହୋଇଥିଲା। ଜୁଲାଇ ୨୦ତାରିଖରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ରାସ୍ତାରୁ ଅମିନଙ୍କ ମାଧ୍ୟମରେ ଏବଂ ଆର୍ଆଇ, ସୁପରଭାଇଜର ପ୍ରମୁଖଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ମାପଚୁପ ପରେ ସରକାରୀ ଜାଗା ବୋଲି ବାଉଁଶ ପୋତି ଚିହ୍ନ ଦିଆଯାଇଥିଲା।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଭଣ୍ଡାରିପୋଖରୀ,୨୩।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ସରପଞ୍ଚ ଅକ୍ଷୟ ତ୍ରିପାଠୀଙ୍କ ବାପା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ତ୍ରିପାଠୀ(୮୪)ଙ୍କର ସୋମବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଜନିତ କାରଣରୁ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବୈତରଣୀକୂଳ ବାରୁଣି ପଡ଼ିଆଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅମୂଲ୍ୟ ତ୍ରିପାଠୀ ମୁଖାଗ୍ନୀ ଦେଇଥିଲେ।

# ଅନିମା ସଭାନେତ୍ରୀ, ରଶ୍ମିରେଖା ସମ୍ପାଦିକା

**ଇନର୍ ହ୍ୱିଲ୍ କ୍ଲବର ନୂଆ କର୍ମକର୍ତ୍ତା**

ଭଦ୍ରକ,୨୩।୭(ସନାତନ ରାଉତ)

ମହିଳାମାନଙ୍କୁ ନେଇ ଗଠିତ ସେବା ସଂସ୍ଥା ଭଦ୍ରକ ଇନର ହ୍ୱିଲ୍ କ୍ଲବର ଅଧିଷ୍ଠାନ ଦିବସ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ସଭାପତି କାଦମ୍ବିନୀ ମହାନ୍ତି ନୂତନ ସଭାପତି ଅନୀମା ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସମ୍ପାଦିକା ଭାବେ ରଶ୍ମିରେଖା ପରମାଣିକ, କୋଷାଧ୍ୟକ୍ଷା ଭାବେ ବୀଣାପାଣି ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ଇନର ହ୍ୱିଲ୍ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପିକା, କବି ଡ. ସୁକାନ୍ତି ମହାପାତ୍ର ଯୋଗଦେଇ ନିଃସ୍ୱାର୍ଥପର ସ୍ନେହ, ପ୍ରେମ ଓ ସେବା ଦ୍ୱାରା ମନୁଷ୍ୟ ମାନବିକତାର ହୃତସ୍ପନ୍ଦନକୁ ଅନୁଭବ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ହରେକୃଷ୍ଣ ନାୟକ, ରୋଟାରିଆନ ଅଭିଜିତ ନାୟକ, ସୀତାକାନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କ୍ଲବର ପ୍ରତିଷ୍ଠାତା ସଦସ୍ୟା ମନଜିତ୍ କୌର୍ ଓ ପ୍ରଣତି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଜୁବାଳା ରାଉତ, ଦେବହୂତି ମହାପାତ୍ର, ସଂଯୁକ୍ତା ମହାନ୍ତି, ଜେମାମଣି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ନେହଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କ୍ଲବର ପ୍ରତିଷ୍ଠାତା ସଦସ୍ୟା ଓ ପୂର୍ବତନ ସମ୍ପାଦିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପରିମାଣ କମ୍ ଦର୍ଶାଇ ଗାଡ଼ି ଖଲାସ କରିବାକୁ ମସୁଧା

**ଚୋରା କୋଇଲା ଟ୍ରକ୍ ଜବତ ଘଟଣା**

ଚାନ୍ଦବାଲି,୨୩।୭(କିଷାନ ପାତ୍ର)

ଦିନକୁ ଦିନ ଚାନ୍ଦବାଲି ଥାନା ଅଞ୍ଚଳରେ ଚୋରା କୋଇଲା କାରବାର ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଗତ ସପ୍ତାହରେ ଜବତ ୨ଟି ଚୋରା କୋଇଲା ଟ୍ରକ୍‌ରେ କୋଇଲାର ପରିମାଣ କମ୍ ଦର୍ଶାଇ ଖସାଇ ଦେବାକୁ ମସୁଧା କରାଯାଉଛି। ଜବତ ଟ୍ରକର ପରିବହନ କ୍ଷମତା ୪୨ ଟନ ରହିଥିବା ବେଳେ ଗାଡ଼ିଗୁଡ଼ିକ ଓଭର୍‌ଲୋଡ଼ ରହିଛି। ମାତ୍ର ଚାନ୍ଦବାଲି ପୋଲିସ ରିପୋର୍ଟରେ ଜବତ କୋଇଲାର ପରିମାଣ ମାତ୍ର ୯ ଟନ ଦର୍ଶାଇଛି। ଅନ୍ୟପଟେ ଏତେ ବଡ଼ ଚୋରି ଘଟଣାରେ ୨ଜଣ ଚାଳକଙ୍କୁ ଗିରଫ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏତେ ପରିମାଣରେ କୋଇଲା ଆସିଲା କେଉଁଠୁ ଓ କେଉଁଠିକୁ ଯାଉଥିଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏତେ ପରିମାଣରେ କୋଇଲା ଜବତ ହୋଇଥିବା ବେଳେ କାହିଁକି ଖଣିଜ ସମ୍ପଦ ସୁରକ୍ଷା ଆଇନ ଲାଗିବ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଚାନ୍ଦବାଲି ପୋଲିସର ତଦନ୍ତ କୋଇଲା ମାଫିଆଙ୍କୁ ସୁହାଇବା ସହିତ ଜବତ ଗାଡ଼ି ଶୀଘ୍ର ମୁକୁଳିବାରେ ସହାୟକ ହେବ ବୋଲି ଚର୍ଚ୍ଚା ହେଉଛି। ଅଭିଯୋଗ ସମ୍ପର୍କରେ ଚାନ୍ଦବାଲି ଥାନାଧିକାରୀ ପଞ୍ଚାନନ ମହାନ୍ତି କହିଛନ୍ତି, ଜବତ କୋଇଲାର ଆନୁମାନିକ ପରିମାଣ ଦିଆଯାଇଛି, ଘଟଣାର ଅଧିକ ତଦନ୍ତ ଚାଲିଛି। ସୂଚନା ମୁତାବକ ଗତ ୧୬ ତାରିଖ ଭୋର୍ ସମୟରେ ଚାନ୍ଦବାଲି ଥାନା ନିକଟରୁ ମାତ୍ର ୨ଶହ ମିଟର ଦୂର କାଳୀ ମନ୍ଦିର ନିକଟରେ ସ୍ଥାନୀୟ କିଛି ଯୁବକ ଭଦ୍ରକ ଆଡୁ ଆସୁଥିବା ଦୁଇଟି ୧୬ ଚକିଆ ଚୋରା କୋଇଲା ବୋଝେଇ ଟ୍ରକ ଅଟକାଇବାରୁ ଡ୍ରାଇଭର ଗାଡି ଛାଡ଼ି ଦୌଡ଼ି ପଳାଇଥିଲେ। ଖବରପାଇ ଚାନ୍ଦବାଲି ଥାନା ଏସ୍ଆଇ ଦୀପ୍ତି ମଞ୍ଜରୀ ବଡ଼ଜେନା ଓ ଅନ୍ୟ ଦୁଇ କର୍ମଚାରୀଙ୍କ ସହଯୋଗରେ ଉକ୍ତ ଦୁଇ କୋଇଲା ବୋଝେଇ ଟ୍ରକକୁ ଜବତ କରି ଥାନାକୁ ଆଣିବା ସହ ଦୁଇ ଚାଳକ ସଞ୍ଜୟ କୁମାର ବେହେରା(୪୨) ଓ ମଳୟ କୁମାର ମଲ୍ଲିକ(୩୫) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।



ଜବତ ଚୋରା କୋଇଲା ବୋଝେଇ ଟ୍ରକ୍।

**ଘର ବାରଣ୍ଡାରୁ ବାଇକ୍ ଚୋରି**

ସୋର, (ଜନ୍ମେଜୟ ମିଶ୍ର): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୋହିରାପଦା ଗ୍ରାମରୁ ସୋମବାର ବିଳମ୍ବିତ ରାତିରେ ଏକ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମହେଶ୍ୱର ବାରିକ ତାଙ୍କ ବାଇକ୍ (ନଂ.ଓଡି ୦୧ଇ ୩୪୬୧)କୁ ପ୍ରତିଦିନ ପରି ବାରଣ୍ଡାରେ ରଖିଥିଲେ। ସକାଳେ ଉଠି ବାରଣ୍ଡାରେ ବାଇକକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ମଙ୍ଗଳବାର ଅପରାହ୍ଣରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଖବରଦାତାଙ୍କ ମାତୃ ବିୟୋଗ

ବାଲେଶ୍ୱର, ୨୩।୭(ମାନସ ବିଶ୍ୱାଳ)



ବାଲେଶ୍ୱର ଜିଲା ଔପଦା ବ୍ଲକ ଖବରଦାତା ଧରିତ୍ରୀ ପଣ୍ଡାଙ୍କ ମାତା ବଡ଼ପୋଖରୀ ପଞ୍ଚାୟତ ବଧି ଗ୍ରାମର ଜାନକୀ ପାଢ଼ୀ(୭୮)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ରୋଗରେ ପୀଡିତ ଥିଲେ। ଗତ ୨୨ତାରିଖ ବିଳମ୍ବିତ ରାତିରେ ନିଜ ଘରେ ପ୍ରାଣ ହରାଇଛନ୍ତି। ତାଙ୍କ ମୃତ୍ୟୁ ସମୟରେ ସ୍ୱାମୀ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ପାଢ଼ୀ, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

### ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି, ୨୩।୭(ପ୍ରଶାନ୍ତ ବିଶ୍ୱାଳ)

ସାମାନ୍ୟ ଦୁଇ ହଜାର ଟଙ୍କା ଧାର ନେଇ ଠିକ୍ ସମୟରେ ଫେରସ୍ତ ନ କରିପାରିବାରୁ ଜଣେ ଯୁବକ ଏକ ଦମ୍ପତିଙ୍କୁ ବିଚ୍ ରାସ୍ତାରେ ପିଟି ପିଟି ସଂଜ୍ଞାହୀନ କରିଛନ୍ତି। ଘଟଣା ଘଟିଛି ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି ଅଞ୍ଚଳରେ। ବାଙ୍କିପଦା ଗ୍ରାମର ସୀତାନାଥ ପୋଥାଳ ସୋମବାର ସନ୍ଧ୍ୟାରେ ଗୌତମ ବିଶ୍ୱାଳଙ୍କୁ ଉଧାର ଟଙ୍କା ମାଗିଥିଲେ। ଟଙ୍କା ଫେରାଇବାକୁ ଅସମର୍ଥ ହେବାରୁ ଗୌତମ, ସ୍ତ୍ରୀ ସବିତାଙ୍କୁ ମାଡ଼ ମାରିବା ପରେ ତାଙ୍କ ସ୍ତ୍ରୀ ସେଠାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଈଶ୍ୱରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ବାଲିଆପାଳ-ବସ୍ତା ରାସ୍ତା ୪ ଘଣ୍ଟା ଜାମ୍

ବାଲିଆପାଳ,୨୩।୭(ଗୋପାଳଚନ୍ଦ୍ରସାହୁ)

ବାଲିଆପାଳ-ବସ୍ତା ରାସ୍ତା ଖାଳମୁହାଣୀ ଛକ ନିକଟରେ ଚିପ୍ସ ବୋଝେଇ ହାଇୱା ପାଇଁ ମଙ୍ଗଳବାର ସକାଳଠାରୁ ୪ ଘଣ୍ଟା ଧରି ଜାମ୍ ହୋଇଯାଇଥିଲା। ଚିପ୍ସ ବୋଝେଇ ହାଇୱା ଖାଳମୁହାଣୀ ଛକ ନିକଟସ୍ଥ ରାସ୍ତା ଉପରେ ଚିପ୍ସ କାଢୁଥିବା ବେଳେ କଚା ମାଟି ଉପରେ ଥିବାରୁ ପଛ ଚକା ଦବିଯାଇଥିଲା। ବହୁ ଚେଷ୍ଟା ପରେ ମଧ୍ୟ ଗାଡ଼ି ରାସ୍ତା ଉପରୁ ନ ହଟିବା ଯୋଗୁ ବାଲିଆପାଳ-ବସ୍ତା ରାସ୍ତାରେ ଗାଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

# ବିଦ୍ୟାଳୟରେ ଭିଜିଲାନ୍ସ ଟେକ୍ନିକାଲ ଟିମ୍‌ର ତଦନ୍ତ

## ୫-ଟି, ମୋ ସ୍କୁଲ ଅଭିଯାନରେ ଦୁର୍ନୀତି ଅଭିଯୋଗ

ବାହାନଗା, ୨୩।୭(ଅରୂପ କୁମାର ଦାସ)



ବିଦ୍ୟାଳୟରେ ଭିଜିଲାନ୍ସ ଟେକ୍ନିକାଲ ଟିମ୍ ପକ୍ଷରୁ ତଦନ୍ତ କରାଯାଉଛି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତ ଥାଳସଡା ଗ୍ରାମସ୍ଥିତ ଦାମୋଦର ଉଚ୍ଚବିଦ୍ୟାଳୟରେ ୫-ଟି ଓ ମୋ ସ୍କୁଲ ଅଭିଯାନରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ବାରମ୍ବାର ଭିଜିଲାନ୍ସ ଡିଜି, ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ଜିଲା ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଡିଏସ୍‌ପି ଦକ୍ଷିଣୀ କୁମାର ମୁର୍ମୁ, ପିଡବ୍ଲୁଡି କନିଷ୍ଠଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ ଓ ବ୍ଲକର ତତ୍କାଳୀନ ଯନ୍ତ୍ରୀ ଅଜୟ ସିଂ, ଅତିରିକ୍ତ ସହାୟକ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ, ଦୁଇ କନିଷ୍ଠଯନ୍ତ୍ରୀ ଅଜୟ ବେହେରା, ଗୋପାଳ ଜେନାଙ୍କ ସମେତ ଭିଜିଲାନ୍ସର ଟେକ୍ନିକାଲ ଯନ୍ତ୍ରୀ ଚଢାଉରେ ସାମିଲ ହୋଇ ନିର୍ମାଣ ହୋଇଥିବା ବିଦ୍ୟାଳୟ ଗୃହ କାର୍ଯ୍ୟର ତଦନ୍ତ କରିବା ସହିତ କାଗଜପତ୍ର ଜବତ କରିଛନ୍ତି। ଏହି ସମୟରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିଲେ।

ଉଲ୍ଲେଖଯୋଗ୍ୟ, ଗତବର୍ଷ ଦାମୋଦର ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାର ୫-ଟି ଯୋଜନାରେ ସାମିଲ କରାଇ ୮୫ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ସେହିପରି ମୋ ସ୍କୁଲ ଅଭିଯାନରେ ୭୦ଲକ୍ଷ ଟଙ୍କାରୁ ୪୫ଲକ୍ଷ ଟଙ୍କା ହେରଫେର୍ ହୋଇଥିବା ନେଇ ଗ୍ରାମବାସୀ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନାମରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଗତବର୍ଷ ପ୍ରଥମ ପର୍ଯ୍ୟାୟରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ମାତ୍ର ସରକାର ବଦଳିବା ପରେ ବାରମ୍ବାର ଗ୍ରାମବାସୀ ଭିଜିଲାନ୍ସ ଡିଜି, ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ବିଦ୍ୟାଳୟରେ ୫-ଟି ଓ ମୋ ସ୍କୁଲ ଅଭିଯାନରେ ଆସିଥିବା ଅନୁଦାନରେ ନିର୍ମିତ ପକ୍କା ଘରଗୁଡିକ ନିମ୍ନମାନର ହୋଇଥିବା ଓ କେତୋଟି ପୁରୁଣା ଘରକୁ ମରାମତି ସମେତ ରଙ୍ଗ ମରାଯାଇ ଅର୍ଥ ହେର୍‌ଫେର୍ ହୋଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ନିଜେ ଠିକାଦାର ଭାବେ କାର୍ଯ୍ୟାଦେଶ ନେଇ ନିମ୍ନମାନର କାମ କରୁଥିଲେ। କାନ୍ଥର ରଙ୍ଗ ମାରିବାଠାରୁ ଆରମ୍ଭ କରି ଚଟାଣରେ ଟାଇଲ କିଣା ପର୍ଯ୍ୟନ୍ତ ସବୁ ନିଜେ କିଣିଥିଲେ। ବୁଝାବୁଝି କରିବା ସହିତ ଠିକା କାମ କରି ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି। ଏ ବାବଦରେ ଭିଜିଲାନ୍ସ ତଦନ୍ତକାରୀ ଡିଏସ୍‌ପି ଦକ୍ଷିଣୀ କୁମାର ମୁର୍ମୁ କହିଛନ୍ତି, ବିଦ୍ୟାଳୟ ଦୁର୍ନୀତି ବାବଦରେ ଅଭିଯୋଗ ହେବା ପରେ ଦ୍ୱିତୀୟଥର ତଦନ୍ତ ଟେକ୍ନିକାଲମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତଦନ୍ତ କରାଯାଉଛି।

# ବିଇଓଙ୍କ କାର୍ଯ୍ୟାଳୟ ଆଗରେ ସ୍କୁଲ ସୁରକ୍ଷା କମିଟି ବିକ୍ଷୋଭ




ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଅଭିଭାବକଙ୍କ ବିକ୍ଷୋଭ।

ଭୋଗରାଇ, ୨୩।୭(ପ୍ରଦୀପ ଦାସ)

ବିଜେଡି ସରକାର ଅମଳରେ ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅବିଳମ୍ବେ ଖୋଲାଯାଇ ପାଠପଢା ଆରମ୍ଭ କରିବା, ସାର୍ବଜନୀନ ଶିକ୍ଷାପଦ୍ଧତି ଚାଲୁ କରିବା, ଶିକ୍ଷାର ଘରୋଇକରଣ, ସାମ୍ପ୍ରଦାୟିକକରଣ, ବ୍ୟବସାୟୀକରଣ ବନ୍ଦ କରିବା ସହ ସମସ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷକ ପଦବୀ ପୂରଣ ଆଦି ଦାବି ନେଇ ଭୋଗରାଇ ସ୍କୁଲ ଶିକ୍ଷା କମିଟି ପକ୍ଷରୁ ମଙ୍ଗଳବାର ବିଇଓ କାର୍ଯ୍ୟାଳୟରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଥାନାଛକ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ଼ ଧରି ବିଭିନ୍ନ ସ୍ଲୋଗାନ ଦେଇ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭକାରୀମାନେ ଦୀର୍ଘ ସମୟ ବିକ୍ଷୋଭ ପ୍ରଦର୍ଶନ ପରେ ଡିଏସ୍‌ଓ ଛାତ୍ରନେତା ହରେକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଛାତ୍ରନେତା ମନୋଜ କୁମାର ପାତ୍ର, ଛାତ୍ରୀନେତ୍ରୀ କ୍ରିଷ୍ଣାରାଣୀ ସାହୁ, ସସ୍ମିତା ମହାନ୍ତି, କମିଟି ସଦସ୍ୟ ଭାଗବତ ହାଁସଦା, ସୁଭାଷ ପଟ୍ଟନାୟକ, ସମରାଇ ମୁର୍ମୁ, ଅଦ୍ରେସ ଖାଁ, ଶ୍ୟାମସୁନ୍ଦର ହାଁସଦା, ପଙ୍କଜ ଟୁଡ୍ଡୁ, ହରେକୃଷ୍ଣ ସେଠୀ ପ୍ରମୁଖ ବନ୍ଦ ହୋଇପଡ଼ିଥିବା ସରକାରୀ ପ୍ରାଥମିକ ସ୍କୁଲ ଅବିଳମ୍ବେ ନୂତନ ସରକାର ଖୋଲି ଦେବା ସହ ପାଠପଢା କାର୍ଯ୍ୟ ନ କଲେ ବୃହତ ଗଣ ଆନ୍ଦୋଳନ ହେବ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ। ପରେ ଏକ ପ୍ରତିନିଧି ଦଳ ବିଇଓ କମଳଲୋଚନ ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଖନ୍ତାପଡ଼ା ରେଳଷ୍ଟେସନ ରାସ୍ତା ମରଣଯନ୍ତା



ବାହାନଗା, ୨୩।୭(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ରେଳଷ୍ଟେସନକୁ ଯିବା ପାଇଁ ଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ଅଧିକାଂଶ ସମୟରେ ଛୋଟ ବଡ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଷ୍ଟେସନ ଉପରେ ସଦର ବ୍ଲକ ସମେତ ରେମୁଣା ବ୍ଲକ, ବାହାନଗା ବ୍ଲକର କିଛି ପଞ୍ଚାୟତ ସମେତ ମୋଟାମୋଟି ୧୦ଟି ପଞ୍ଚାୟତର ହଜାର ହଜାର ଯାତ୍ରୀ ଓ ଲୋକେ ନିର୍ଭରଶୀଳ ଅଟନ୍ତି। ରାତି ପାହିଲେ ସେହି ରାସ୍ତା ଦେଇ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସମେତ ୧୦୮ ଆମ୍ବୁଲାନ୍ସ ଓ ଲୋକମାନେ ଯାତାୟାତ କରିଥାନ୍ତି। ମୁଖ୍ୟତଃ ୧୬ନମ୍ବର ଜାତୀୟ ରାଜପଥ ଏହି ରାସ୍ତା ଦେଇ ସଲ୍ଟରୋଡର ରସାଳପୁର ଓ ଚାନ୍ଦିପୁରକୁ ସଂଯୋଗ ହୋଇଛି। ବାରମ୍ବାର ରେଳବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ରାଜନୈତିକ ବ୍ୟକ୍ତିମାନଙ୍କର ଆନ୍ତରିକତା ଅଭାବ ଯୋଗୁ ମରାମତି ହୋଇପାରୁନାହିଁ। ଫଳରେ ଷ୍ଟେସନ ରାସ୍ତା ମରଣଯନ୍ତା ପାଲଟିଛି । ଯାହାକି ବର୍ଷାଦିନେ ରାସ୍ତା ଅବସ୍ଥା କହିଲେ ନ ସରେ । ତେବେ ଆଗାମୀ ଦିନରେ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ନ ଦେଲେ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ବିଏମ୍‌ଏସ୍‌ର ପ୍ରତିଷ୍ଠା ଦିବସ

ବାଲେଶ୍ୱର, ୨୩।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଷ୍ଟେସନ କ୍ଲବ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘର ଜିଲା ସଭାପତି ସଙ୍ଗୀତ ରାୟ ଅଧକ୍ଷତା କରିଥିଲେ। ଜିଲା ସମ୍ପାଦକ ଅରୂପ କୁମାର ନାୟକ ସଭାକୁ ସଞ୍ଚାଳନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଏମ୍‌ଏସ୍‌ର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ଭାରତୀୟ ମଜୁଦର ସଂଘ ରାଷ୍ଟ୍ର ହିତ, ଉଦ୍ୟୋଗହିତ ଏବଂ ମଜଦୁର ହିତ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛି। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବାଲେଶ୍ୱର ନଗର ସଂଘ ଚାଳକ ଗୋପାଳ ଚନ୍ଦ୍ର ନାୟକ ଯୋଗଦେଇ ଭାରତୀୟ ମଜଦୁର ସଂଘ ଭାରତବର୍ଷର ସବୁଠୁ ବଡ଼ ସାମାଜିକ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରୁ ସୃଷ୍ଟି। ଅଞ୍ଜନ କର, ବିଶ୍ୱଜିତ ପଣ୍ଡା, ଶକୁନ୍ତଳା ଗୋଛାୟତ, ସରସ୍ୱତୀ ଖୁଣ୍ଟିଆ, ମନୋରମା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅଳିପୁର ସରସ୍ୱତୀ ଶିଶୁ ମନ୍ଦିର ନୂତନ ଗୃହ ଉଦ୍‌ଘାଟିତ



ସାଧାରଣ ସମ୍ପାଦକଙ୍କ ଦ୍ୱାରା ନୂତନ ଗୃହ ଉଦ୍‌ଘାଟନ କରାଯାଉଛି।

ଖଇରା, ୨୩।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଳିପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ବିଦ୍ୟାଳୟ ନୂତନ ଗୃହର ପୂଜାର୍ଚ୍ଚନା ସହ ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା କମିଟି ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ଉମାକାନ୍ତ ନାୟକ ଏହି ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ପ୍ରଧାନଗୁରୁଜୀ ଜୟନ୍ତ କୁମାର ମାଝି ପୌରୋହିତ୍ୟ କରିଥିଲେ। କମିଟିର ପ୍ରାକ୍ତନ କୋଷାଧକ୍ଷ ନିରଞ୍ଜନ ସାମଲ, ଅଭିଭାବକ ଜୟନ୍ତ ପାତ୍ର, ଦିଲୀପ ତ୍ରିପାଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁମା ଭାଗ୍ୟଦେବୀ ମାଝି, ମମତା ଉପାଧ୍ୟାୟ, ବାସନ୍ତୀ ଲେଙ୍କା, ଭାନୁମତି ବେହେରା, ସସ୍ମିତା ସାହୁ ଏବଂ ଗୁରୁଜୀ ନାରାୟଣ ମାଝିତ ଓ ଶୁଭେଚ୍ଛୁ ସତ୍ୟାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ବିଭାଗର ସହ ସମ୍ପ୍ରସାରଣ କର୍ମୀ ତାଲିମ ଶିବିର

ଜଳେଶ୍ୱର, ୨୩।୭
(ରବିନାରାୟଣ ପାତ୍ର/ନବୀନ ସାହୁ)

ପ୍ରଯୁକ୍ତିବିଦ୍ୟା ଦ୍ୱାରା ଅଧିକ ଲାଭବାନ ହେବା ଲାଗି କୃଷି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହାର ସଫଳ ରୂପାୟନ ଲାଗି ବିଭାଗୀୟ ସହ ସମ୍ପ୍ରସାରଣ କର୍ମୀମାନଙ୍କୁ ମଙ୍ଗଳବାର ଜଳେଶ୍ୱର କୃଷି ଜିଲା ପରିସରରେ ତାଲିମ ଦିଆଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ଜଳେଶ୍ୱର କୃଷି ଜିଲା ଅଧିକାରୀ ରାଜୀବଲୋଚନ ବେହେରା ପୌରୋହିତ୍ୟ କରିଥିଲେ। ଜଳେଶ୍ୱର କୃଷି ଜିଲା ଅଧୀନ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକର କୃଷି ଅଧିକାରୀ, ଆତ୍ମା କର୍ମଚାରୀ, ଗ୍ରାମସେବକ, କୃଷକ ସାଥିଙ୍କୁ ନେଇ ଆୟୋଜିତ ଶିବିରକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣଚନ୍ଦ୍ର ମୁର୍ମୁ ଉଦ୍‌ଘାଟନ କରି ସ୍ୱଳ୍ପ ପାଣି, ଅଳ୍ପ ସାର ଓ କୀଟନାଶକ ବ୍ୟବହାର କରି ଅଧିକ ଲାଭବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଜିଲା ସହକାରୀ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ ଯୋଗଦେଇ ପ୍ରାଣୀପାଳନ ସହିତ ବିଭିନ୍ନ ଚାଷ, ବିଶେଷ କରି ସମ୍ମନ୍ୱିତ କୃଷି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜଳେଶ୍ୱର ଗୋଷ୍ଠୀ ପ୍ରାଣୀ ଅଧିକାରୀ ଡା. ଶିଶିର କୁମାର ଲେଙ୍କା ଯୋଗଦେଇ ଗୋ-ପାଳନ, ଛେଳି ପାଳନ ଓ କୁକୁଡା ପାଳନ ସମ୍ପର୍କରେ ବିଷଦ ବିବରଣୀ କହିଥିଲେ । ଆତ୍ମାର ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ସରୋଜ ଗିରି, ଜଳେଶ୍ୱର ବ୍ଲକ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି, ବାଲିଆପାଳ ବ୍ଲକ କୃଷି ଅଧିକାରୀ ରଞ୍ଜିତା ପାତ୍ର ବ୍ଲକ ସ୍ତରରେ ଚାଲିଥିବା କୃଷି ଯୋଜନା ସମ୍ପର୍କରେ କହିଥିଲେ।

# ବିଦ୍ୟୁତ୍ କାଟ ବନ୍ଦ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ଦାବିପତ୍ର

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/
କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୩।୭



ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ଜିଲା ବାଲିଆପାଳ ବିଦ୍ୟୁତ ସେକ୍ସନରେ ଘନ ଘନ ବିଦ୍ୟୁତ୍ କାଟକୁ ବନ୍ଦ କରିବା ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ବାଲିଆପାଳ ବିଦ୍ୟୁତ ବିଭାଗୀୟ ଜେଇ ସୁଶାନ୍ତ କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୦ଦିନ ମଧ୍ୟରେ ଘନ ଘନ ବିଦ୍ୟୁତ କାଟ ବନ୍ଦ କରା ନ ଗଲେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯିବା ସହିତ ରାଜରାସ୍ତାରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଫଳରେ ଚାଷୀ, ବ୍ୟବସାୟୀ, ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ସହିତ ରୋଗୀ ଓ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ୧୦ଦିନ ମଧ୍ୟରେ ବାଲିଆପାଳ ଅଞ୍ଚଳରେ ଘନ ଘନ ବିଦ୍ୟୁତକାଟ୍‌କୁ ବନ୍ଦ କରିବା ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ମହାନ୍ତି, ଗୌତମ କୁମାର ପରିଡ଼ା, ଗୋବିନ୍ଦ ଦେବାଶିଷ ପାତ୍ର, ବିକ୍ରମ କେଶରୀ ଦେ, ସୁଭଦ୍ରା ରାଉତ, ଆଦିତ୍ୟ ନାୟକ, ସୌମ୍ୟରଞ୍ଜନ ପରିଡ଼ାଙ୍କ ସହିତ ଅନ୍ୟ ସଦସ୍ୟ ମଙ୍ଗଳବାର ବାଲିଆପାଳ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଜେଇ ସାହୁଙ୍କୁ ବିଜୁଳି କାଟକୁ ବନ୍ଦ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ଲଙ୍ଗଳେଶ୍ୱର ମନ୍ଦିରରେ ଜଳାଭିଷେକ କଲେ କାଉଡ଼ିଆ

ବାଲିଆପାଳ,୨୩।୭(ଅମୂଲ୍ୟ କୁମାର ଦାସ)

ଶ୍ରାବଣ ମାସର ପ୍ରଥମ ସୋମବାର ଭୋରରୁ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ଓ କାଉଡିଆ ଜଳାଭିଷେକ କରିଛନ୍ତି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଥିବା ବାବା ଲଙ୍ଗଳେଶ୍ୱର ଶୈବପୀଠରେ କାଉଡିଆ ଓ ଶ୍ରଦ୍ଧାଳୁମାନେ ବାବାଙ୍କୁ ଦର୍ଶନ ଓ ଜଳ ଲାଗି କରିବା ପାଇଁ ଭିଡ ଜମାଇଥିଲେ। ଭୋର ୪ଟାରୁ ମନ୍ଦିର ଖୋଲିବା ପରେ ବାବାଙ୍କ ନୀତିକାନ୍ତି ଆରମ୍ଭ ହୋଇ ୬ଟାରେ ଶେଷ ହେବା ପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ବାବାଙ୍କୁ ଦର୍ଶନ କରିବା ସହ କାଉଡିଆମାନେ ବାବା ଉପରେ ପାଣି ଢାଳିଥିଲେ। ଶାନ୍ତିଶୃଙ୍ଖଳାରେ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

### ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା, ଅନ୍ଧାରରେ ୫ ଗାଁ

ପାଟଣା,୨୩।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ସବ୍‌ଷ୍ଟେଶନରେ କାର୍ଯ୍ୟରତ ଠିକା ଲାଇନ୍ ମ୍ୟାନ ଗୟାଧର ମହାନ୍ତଙ୍କୁ କାଣିପଶି ଗ୍ରାମରେ ମାଡ଼ ଅଭିଯୋଗରେ ଲାଇନମ୍ୟାନମାନେ ଧାରଣରେ ବସିଛନ୍ତି। ଘଟଣାକୁ ଏକ ମାସ ବିତିଯାଇଥିଲେ ହେଁ ରାଇସୁଆଁ ପୋଲିସ କେବଳ ମାମଲା ରୁଜୁ କରି ରହିଯାଇଛି। ପ୍ରତିବାଦରେ ତୁରୁମୁଙ୍ଗା, ପାଟଣା, ସାହାର ପଡ଼ା ବିଦ୍ୟୁତ୍ କାର୍ଯ୍ୟାଳୟର ୯୦ରୁ ଊର୍ଦ୍ଧ୍ୱ ଲାଇନ୍‌ମ୍ୟାନ ରବିବାରଠାରୁ ଦୋଷୀକୁ ଦଣ୍ଡ ଓ ଲାଇନ ମ୍ୟାନଙ୍କ ସୁରକ୍ଷା ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଫଳରେ ମଙ୍ଗଳବାର ୫ ଗାଁ ପୁଟୁ, ଝାରବେଡା, ଜଡ଼ି ଚାତର, ଚେମେଣା ଓ ବୁଢ଼ୀ କାପୁଡ଼ି ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାଘାତ ହୋଇଛି। ତୁରୁମୁଙ୍ଗା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଉମେଶ ଚନ୍ଦ୍ର ଭୁଇଁଆ କହିଛନ୍ତି, କର୍ମଚାରୀମାନେ ଆନ୍ଦୋଳନରେ ଥିବାରୁ ବିଦ୍ୟୁତ୍ ମରାମତି କରାଯାଇ ପାରୁନାହିଁ।

# ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ

## ସାମାଜିକ କର୍ମୀଙ୍କ ମହାନତା

ରୂପସା, ୨୩।୭(ବାଞ୍ଛାନିଧି ଦେ)



ବାଲେଶ୍ୱର ଜିଲା ବସ୍ତା ବ୍ଲକ କରୁଆ ପଞ୍ଚାୟତ ଅଧୀନ ଉଜୁଡା ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ତିନିଚକିଆ ଟ୍ରାଇସାଇକେଲ ପ୍ରଦାନ କରି ସାମାଜିକ କର୍ମୀ ଅଞ୍ଜଳି ପ୍ରଧାନ ନିଜର ମହାନତାର ପରିଚୟ ଦେଇଛନ୍ତି। ଏହି ଗ୍ରାମର ସୁଶାନ୍ତ ଜ୍ୟୋତିଙ୍କ ୧୩ ବର୍ଷର ଦିବ୍ୟାଙ୍ଗ ଝିଅ ଅପର୍ଣ୍ଣା ଜନ୍ମରୁ ଦିବ୍ୟାଙ୍ଗ। ସେ କଥାବାର୍ତ୍ତା କି ଚଲାବୁଲା କରି ପାରନ୍ତି ନାହିଁ। ହାତ ଗୋଡ଼ ସମ୍ପୂର୍ଣ୍ଣ ଅଚଳ। ଅନ୍ୟଜଣକ ସହାୟତାରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାତାୟାତ କରିଥାନ୍ତି। ସବୁ ସମୟରେ ତାଙ୍କ ମା' ଗୀତାରାଣୀ କୋଳରେ କୋଳେଇ ଅପର୍ଣ୍ଣାଙ୍କୁ ଏଣେତେଣେ ନେବା ଆଣିବା କରିଥାନ୍ତି। ଅପର୍ଣ୍ଣାଙ୍କ ପାଇଁ ଗୋଟିଏ ଟ୍ରାଇ ସାଇକେଲ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରି ମା', ବାପା ବିଫଳ ହୋଇଥିଲେ। ଗତ ନିର୍ବାଚନ ସମୟରେ ନିର୍ବାଚନ କ୍ୟାମ୍ପେନିଂ କରିବା ପାଇଁ ଯାଇଥିବା ନାରୀନେତ୍ରୀ ଅଞ୍ଜଳି ପ୍ରଧାନଙ୍କ ନଜରରେ ଆସିଥିଲେ ଅପର୍ଣ୍ଣା। ତାଙ୍କଠାରୁ ସମସ୍ତ ଦୁଃଖ ଶୁଣିବା ପରେ ନିର୍ବାଚନ ପରେ ତାଙ୍କ ନିଜ ଅର୍ଥରେ ଏକ ତିନି ଚକିଆ ସାଇକେଲ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଞ୍ଜଳି ଅପର୍ଣ୍ଣାଙ୍କ ଘରେ ପହଞ୍ଚି ତାଙ୍କୁ ଏହି ତିନି ଚକିଆ ସାଇକେଲ ପ୍ରଦାନ କରିଛନ୍ତି। ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଅପର୍ଣ୍ଣାଙ୍କ ପାଇଁ ଏକ ବ୍ୟାଟେରୀ ଚାଳିତ ତିନି ଚକିଆ ସାଇକେଲ ସହିତ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ଏବଂ ସମସ୍ତ ପ୍ରକାର ସରକାରୀ ସହାୟତା ବ୍ୟବସ୍ଥା କରିବେ ବୋଲି ଅଞ୍ଜଳି କହିଛନ୍ତି।

# ୧୦ ଗାଁରୁ ୧୦, ୫୮୧ ହେବେ ସ୍ଥାନାନ୍ତର

## କ୍ଷେପଣାସ୍ତ୍ର ପରୀକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୩।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଚାନ୍ଦିପୁର ଆଇଟିଆର ଏଲ୍‌ସି-୩ କ୍ଷେପଣାସ୍ତ୍ର ଘାଟିରୁ ବୁଧବାର ହେବାକୁ ଥିବା କ୍ଷେପଣାସ୍ତ୍ର ପରୀକ୍ଷାର ସୂଚାରୁ ପରିଚାଳନା ଦିଗରେ ମଙ୍ଗଳବାର ଅପରାହ୍ଣରେ ଜିଲାପାଳ ଆଶିଷ ଠାକ୍‌ରେ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଧାରିତ ହୋଇଥିବା ସାଢ଼େ ୩ କି.ମି. ପରିଧି ଅଞ୍ଚଳର ଜନସାଧାରଣଙ୍କ ସ୍ଥାନାନ୍ତର ଓ ସୁରକ୍ଷା ନିମନ୍ତେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା।

ସୂଚନା ଅନୁଯାୟୀ ଜୟଦେବକସବା (୨୭୨୫), ଭୀମପୁର (୧୮୨୩), ସାହାଜାନଗର (୪୭୭), କୁସୁମୁଳୀ (୧୩୦୭), ଖଡୁପାହି (୮୦୩), ତୁଣ୍ଡରା (୪୦୮), ଛଟିନା (୪୭୯), ଦୋମୁହାଁ ପାଟଣା (୪୧), କର୍ଣ୍ଣର୍ଦ୍ଦା (୩୯୧) ଓ ବର୍ଦ୍ଧନପୁର (୨୧୨୭) ଅଞ୍ଚଳର ମୋଟ ୧୦,୫୮୧ ଲୋକଙ୍କ ପୁନର୍ବାସ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବନ୍ଦୋବସ୍ତ କରାଯାଇଛି। ବର୍ଦ୍ଧନପୁର, ଜୟଦେବକସବା ଓ ସାହାଜାନନଗର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ବର୍ଦ୍ଧନପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ନିର୍ମାଣ କରାଯାଇଛି। ଭୀମପୁର, ଛଟିନା ଓ ଦୋମୁହାଁ ପାଟଣାର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ଭୀମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ନିର୍ମାଣ କରାଯାଇଛି। କର୍ଣ୍ଣର୍ଦ୍ଦା, ଖଡୁପାହି, ତୁଣ୍ଡରା ଓ କୁସୁମୁଳୀର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର କଳାମାଟିଆ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ନିର୍ମାଣ କରାଯାଇଛି। ଜୟଦେବକସବା ପାହିର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ନିଧିପଡା ସେବାଶ୍ରମଠାରେ ନିର୍ମାଣ କରାଯାଇଛି। ଏହି ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକରେ ସ୍ଥାନାନ୍ତରିତ ଲୋକଙ୍କ ସହଜତା ପାଇଁ ୧୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିଭଳି ପୋଲିସ ପ୍ରଶାସନ ପକ୍ଷରୁ ୨୨ଟି ପୋଲିସଫୋର୍ସ ସେକ୍ସନ ମୁତୟନ କରାଯାଇଛି। ଉକ୍ତ ଅଞ୍ଚଳରେ ମଙ୍ଗଳବାର ଦିନସାରା ଡାକବାଜି ଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ବୁଧବାର ଭୋର ୪ଟାରୁ ସ୍ଥାନାନ୍ତର ଓ କ୍ଷେପଣାସ୍ତ୍ର ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଶିବିରରେ ରହିବାକୁ ସୂଚନା ଦିଆଯାଇଛି। ଶିବିରରେ ନାମ ପଞ୍ଜିକୃତ ହେବା ପରେ ପ୍ରାପ୍ୟ ଟଙ୍କା ସେହିଦିନ ଜନସାଧାରଣଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ ଉକ୍ତ ଦିନ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ସଦର ଏସ୍‌ଡ଼ିପିଓ ଡ. ଶଶାଙ୍କ ଶେଖର ବେଉରା ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଅବକାରୀ ଚଢ଼ାଉ, ୩ ଗିରଫ

**ମୋରଡ଼ା,୨୩ା୭(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ୩ ମଦ ବେପାରୀଙ୍କୁ ଗିରଫ କରିଛି। ମୋରଡା ଥାନା ଅଧୀନ ଚିକିଟାମାଟିଆ, ମୋରଡ଼ା ଓ ଧାନଶୋଳା ଗ୍ରାମରେ ଚଢ଼ାଉ ପରେ ବେଆଇନ ଦେଶୀ ମଦ ଜବତ ସହିତ ଚାଦୁରାମ ବାସ୍କେ, ବୁଦ୍ଧେଶ୍ୱର ବେହେରା, ବିଶ୍ୱକର୍ମା ବିନ୍ଧାଣୀଙ୍କୁ ଗିରଫ କରାଯାଇଛି। ସେହିପରି ପଶ୍ଚିମବଙ୍ଗରୁ ଦେଶୀ ମଦ ଆଣି ବିକ୍ରି କରୁଥିବା ରାସଗୋବିନ୍ଦପୁର ଥାନା ଅଧୀନ ତମ୍ବାଖୁରୀ ଗ୍ରାମର ଦୀପକ କୁମାର ଜେନାଙ୍କ ଘରେ ଚଢ଼ାଉ କରି ୩୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକ, ଏଏସ୍ଆଇ ବିଜୟ କୁମାର ମହାନ୍ତ, କର୍ମଚାରୀ ଯଶୋବନ୍ତ ନାଏକ, ଲଲାଟେନ୍ଦୁ ଶତପଥୀ,ଦୀପାଞ୍ଜଳି ଦାସଙ୍କ ସହିତ ବେତନଟୀ, ବାରିପଦା ଅବକାରୀ କର୍ମଚାରୀ ସାମିଲ ଥିଲେ।

## ଶାଳକାଠ ଜବତ, ୨ ଗିରଫ

**ଠାକୁରମୁଣ୍ଡା,୨୩ା୭**
**(ତାରାକାନ୍ତ ପଟ୍ଟନାୟକ)**

ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଖମଡିହା ଗ୍ରାମ ନିକଟରେ ମଙ୍ଗଳବାର ବନ ବିଭାଗ ଚଢ଼ାଉ କରି ୨୨ ଖଣ୍ଡ ଶାଳ ଚୌକାଠ ଜବତ କରିବା ସହ ଘଟଣାରେ ସଂପୃକ୍ତ ୨ କାଠ ଚିରାଳିଙ୍କୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଆସାମ ରାଜ୍ୟ ଓଦଲଗଡି ଗ୍ରାମର ମହେଶ୍ୱର ବସୁମାତାରି (୪୨) ଓ ମହୁଲଡ଼ିହା ଥାନା ଅନ୍ତର୍ଗତ ସାତକୋଶିଆ ପ୍ରଧାନସାହି ଗ୍ରାମର ଗଣେଶ ଲିୟାଙ୍ଗି(୨୫)। ବନପାଳ ତପନ ମହାନ୍ତ, ଫରେଷ୍ଟ ଗାର୍ଡ ଗାୟତ୍ରୀ ମହାନ୍ତଙ୍କ ସମେତ ଅନ୍ୟ ବନ କର୍ମଚାରୀ ଚଢ଼ାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଧରିଥିଲେ।

# ଜବରଦଖଲ ପାଇଁ ବଢୁଛି ଦୁର୍ଦ୍ଦଶା

### ଉଚ୍ଛେଦ ସହ ଥଇଥାନ ଦାବି

**ବାରିପଦା,୨୩ା୭**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ଦାବିପତ୍ର ଦେବାକୁ ଆସିଥିବା ଯୁବା ସମାଜର କର୍ମକର୍ତ୍ତାମାନେ।

କ୍ରମ ବର୍ଦ୍ଧିତ ଜନସଂଖ୍ୟା କାରଣରୁ ବାରିପଦା ସହରରେ ଜବରଦଖଲ ଦିନକୁ ଦିନ ବଢ଼ିଚାଲିଛି। ସରକାରୀ ଜମି ନିଜ ଅକ୍ତିଆରକୁ ନେଇ ବ୍ୟବସାୟ ସହ ବହୁତଳ ପ୍ରାସାଦ ନିର୍ମାଣ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନୀ ଓ ପରିବା ବ୍ୟବସାୟୀ ପସରା ମେଲାଇବା ଯୋଗୁ ଚଳପ୍ରଚଳରେ ବାଧା ଉପୁଜିବାରେ ଲାଗିଜୁଛି। ଏପରିକି ସଙ୍କୀର୍ଣ୍ଣ ହୋଇପଡୁଥିବା ରାସ୍ତାରେ ଦୁର୍ଘଟଣା ଜନିତ ଧନଜୀବନ ନଷ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ଜିଲା ପ୍ରଶାସନ କିମ୍ବା ପୌରପରିଷଦ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ନେଇ ଯୁବା ସମାଜ ମୟୂରଭଞ୍ଜ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବା ସହ ଏହାର ଏକକିତା ନକଲ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦିଅଯୋଇଛି।

ସୂଚନାଯୋଗ୍ୟ, ଜିଲା ମୁଖ୍ୟାଳୟକୁ ପ୍ରବେଶ ପଥର ପାଲବଣି, ଅସ୍ତିଆ, ମୁର୍ଗାବାଡି ଓ ଦାରଗାଡାହି ରାସ୍ତାଗୁଡିକରେ ପ୍ରତିଦିନ ସହସ୍ରାଧିକ ଯାନବାହାନ ଚଳପ୍ରଚଳ କରୁଛି। ଏହି ରାସ୍ତାଗୁଡ଼ିକ ପ୍ରବଳ ଜନଗହଳିପୂର୍ଣ୍ଣ ହୋଇଉଠୁଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନୀମାନେ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ତେବେ ପାଲବଣି ରାସ୍ତାର ଷ୍ଟେଶନ ବଜାର ରେଳ ଫାଟକଠାରୁ ସରାଳୀ ନଦୀ ସେତୁ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଜବରଦଖଲ ବଢୁଥିବାରୁ ରାସ୍ତାଟି ସଙ୍କୀର୍ଣ୍ଣ ହୋଇପଡିଛି। ଉକ୍ତ ରାସ୍ତା ରେଲୱେ ଲେଭଲ କ୍ରସିଂ ରହିଥିବାରୁ ରେଳ ଚଳାଚଳ ସମୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ରେଳ ଗାଡି ଯିବା ପରେ ଲୋକେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମରେ ଫସିଥାନ୍ତି। ଟ୍ରାଫିକ ବ୍ୟବସ୍ଥା ରହିଥିଲେ ସୁଦ୍ଧା ତାହାକୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇ ପଡ଼ିଥାଏ। ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି କଲେଜ ପଢୁଆ ଛାତ୍ରୀଛାତ୍ରମାନେ ଠିକ୍ ସମୟରେ ସ୍କୁଲ କିମ୍ବା କଲେଜ ପହଞ୍ଚିବାରେ ବିଳମ୍ବ ହୋଇଥାଏ। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ପରିବା ଦୋକାନୀଙ୍କ ସହ ଛୋଟ ଛୋଟ ବ୍ୟବସାୟୀମାନେ ନିଜର ରୋଜଗାର ପନ୍ଥା ଖୋଲିଥାନ୍ତି। ଫଳରେ ରାସ୍ତାଟି ଅଣଓସାରିଆ ହୋଇପଡ଼ିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ସେହିପରି ଉକ୍ତ ରାସ୍ତାରେ ବଡ଼ ବଡ଼ ଶୋ'ରୁମ୍ ଖୋଲି ବ୍ୟବସାୟ ଚଳାଉଥିବା ବେଳେ ପାର୍କିଂର କୌଣସି ବ୍ୟବସ୍ଥା କରି ନ ଥିବାରୁ ଗାଡିଗୁଡ଼ିକ ରାସ୍ତା ଉପରେ ଛିଡା କରିବାରୁ ଭିଡ ବଢିବାରେ ଲାଗିଛି। ପୌରପରିଷଦ ପକ୍ଷରୁ ବ୍ୟବସାୟ ନିମନ୍ତେ କୌଣସି ଅନୁମତି ଦିଆଯାଇ ନ ଥିବା ବେଳେ ମନମୁଖି ଭାବେ ଜବରଦଖଲ ବଢ଼ାଇବାରେ ଲାଗିଛନ୍ତି। ଏହା ଦ୍ୱାରା ସହରବାସୀ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ମୁଖ୍ୟାଳୟକୁ ଆସୁଥିବା ସାଧାରଣ ଲୋକେ ହଇରାଣ ହରକତ ହେଉଛନ୍ତି। ସଙ୍ଗଠନ ପକ୍ଷରୁ ପରିବା ଦୋକାନୀଙ୍କୁ ଅନ୍ୟତ୍ର ବସିବାକୁ ଉଦ୍ୟମ କରାଯାଇଥିଲେ ହେଁ ସେମାନେ ବସିବା ପାଇଁ ପୌରପରିଷଦକୁ ମହାସୁଲ ଦେଉଥିବାରୁ ଦଖଲରେ ରହିବୁ ବୋଲି ଓଲଟା ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ପୌରପରିଷଦ ପକ୍ଷରୁ ଯଦି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ତେବେ ଏହାର ସମାଧାନ କରିବାକୁ ଜିଲାପାଳଙ୍କ ଦୃଷ୍ଟି ଗୋଚର କରାଯାଇଛି। ଖୁବ୍‌ଶୀଘ୍ର ଏହାର ଉଚିତ ପଦକ୍ଷେପ ଗ୍ରହଣ କରି ଅସ୍ଥାୟୀ ଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ସହିତ ସେମାନଙ୍କୁ ଥଇଥାନ କରିବାକୁ ଯୁବା ସମାଜର ଅଖିଳେଶ ଶର୍ମା, ଉମେଶ କୁମାର ନାୟକ, ରାହୁଲ ଶର୍ମା, ରଞ୍ଜିତ ସାହୁ, ଦିବ୍ୟସିଂହ ବାରିକ, ସଞ୍ଜିତ ନାଏକ, ସୁମିତ ଘଡେଇ, ପ୍ରକାଶ ମଣ୍ଡଳ, ଅଜୟ ମୁଖି ଓ ଆଇନଜୀବୀ ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ଦତ୍ତାତ୍ରେୟା ଭାଉସାହେବ ଶିନ୍ଦେଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ଖୁଣ୍ଟା(ଦେବରଞ୍ଜନ ବେହେରା)/**
**ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଡୁଆଲ),୨୩ା୭**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଲିଯୋଡ଼ା ଗ୍ରାମର ଜଣେ ମହିଳାଙ୍କୁ ପିଟି ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୪୧/୨୪) ରୁଜୁ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଶୁକଦେବ ସିଂ। ମୃତ ମହିଳା କୁନିମଣି ସିଂଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ କୁନିମଣିଙ୍କୁ ଶୁକଦେବ ଦ୍ୱିତୀୟ ବିବାହ କରିଥିଲେ। ୨୧ ତାରିଖ ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଶୁକଦେବ ଏଥିରେ ଉତ୍‌କ୍ଷିପ୍ତ ହୋଇ କୁନିମଣିଙ୍କୁ ପିଟି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ମୃତ କୁନିମଣିଙ୍କ ଭାଇ ବାରିପଦା ସଦର ଥାନା ଅଧୀନ କୁଦୁରା ଗ୍ରାମର ଗୋରା ସିଂଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ସ୍ୱାମୀ ଶୁକଦେବଙ୍କୁ ଗିରଫ କରିଛି।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଉଦଳା,୨୩ା୭**
**(ସନ୍ତୋଷ କୁମାର ବାଛିନୀ)**

କପ୍ତିପଦା ଉପଖଣ୍ଡ ଉଦଳାସ୍ଥିତ ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ଏସ୍‌ପି ଏସ.ସୁଶ୍ରୀ ଯୋଗଦେଇ ୧୧୨ଟି ଜନ ଅଭିଯୋଗର ଶୁଣାଣି କରିଛନ୍ତି। ଉପ ଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ୯୪ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ଥିବା ବେଳେ ୧୮ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୫ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଜଣଙ୍କୁ ସରକାରୀ ଆର୍ଥିକ ସହାୟତା ବାବଦରେ ୫ ହଜାର ଟଙ୍କା ଏବଂ ଅନ୍ୟ ୪ ଜଣଙ୍କୁ ଚିକିତ୍ସା ନିମନ୍ତେ ୩୫ ହଜାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ସଦ୍‌ଭାବନା ସମିତିର ମାସିକ ସନ୍ଥ ଦିବସ

**ବାରିପଦା,୨୩ା୭**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ସଦ୍‌ଭାବନା ସମିତି ଆନୁକୂଲ୍ୟରେ ପବିତ୍ର ଗୁରୁ ପୂର୍ଣ୍ଣିମା ତିଥିରେ ୫୪୩ତମ ମାସିକ ସନ୍ଥ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଇଂ. ସର୍ବେଶ୍ୱର ଭୂୟାଁ ପୌରହିତ୍ୟ କରିଥିଲେ। ସମିତିର ସଂଯୋଜକ ଡ. ପୁଷ୍ପାରାଣୀ ପାତ୍ରଙ୍କ ଆହ୍ୱାନ କ୍ରମେ ଚଳିତ ମାସରେ ଧରାବତରଣ କରିଥିବା ମହର୍ଷି ବ୍ୟାସଦେବ, ସନ୍ଥ ତୁକାରାମଙ୍କ ପ୍ରତି ସମିତି ତରଫରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଅଜ୍ଞାନ ରୂପୀ ଅନ୍ଧକାର ଦୂର କରିବାରେ ଗୁରୁ ହେଉଛନ୍ତି ଆଲୋକବର୍ତ୍ତିକା। ଆଦିଗୁରୁ ମାତା ଘରୋଇ ପାଠଶାଳାର ପ୍ରଥମ ଶିକ୍ଷୟିତ୍ରୀ ଏବଂ ପିତା ପ୍ରଥମ ଶିକ୍ଷକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସନ୍ଥ ଅବସରରେ ସମିତିର ସପ୍ତମ ପ୍ରସ୍ଥ ଜୟ ସନ୍ଥ-ଜୟ ସମାଜ ଏବଂ ପ୍ରତିଷ୍ଠାତାଙ୍କ ପିତାମାତା ଚଳନ୍ତି ଠାକୁର ପାଠକାର୍ପଣ କରାଯାଇଥିଲା। ଉତ୍ସବରେ ମୁଖ୍ୟ ପ୍ରବକ୍ତା ଭାବେ ଡ. ରବୀନ୍ଦ୍ର କୁମାର ଶତପଥୀ, ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ବ୍ରହ୍ମକୁମାରୀ ମାମୁନି, ଗାୟତ୍ରୀ ପରିବାରର ଭାଇ ଗଗନ ବିହାରୀ ବେହେରା, ରସାନନ୍ଦ ବଳ, ରାଧେ ଗୋବିନ୍ଦଧାମର ପଶୁପତି ନାୟକ ଏବଂ ବରିଷ୍ଠ ଶିକ୍ଷକ ସରୋଜ କୁମାର ଖୁଣ୍ଟିଆ ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ। ସମିତିର ସମ୍ପାଦକ ସତ୍ୟାନନ୍ଦ ସେଜପଡା ଅଭିମତ ରଖିଥିବା ବେଳେ ସହ ସମ୍ପାଦକ ଇଂ. ସରୋଜ କୁମାର ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।

## ବନ ବିଭାଗର ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

**କରଞ୍ଜିଆ,୨୩ା୭(କବିତା ମହାନ୍ତ)**

କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ସଭାଗୃହଠାରେ ରାଇରଙ୍ଗପୁର, କେନ୍ଦୁଝର, କରଞ୍ଜିଆ ବନଖଣ୍ଡର ଦ୍ରୁତିତ ପଦକ୍ଷେପ ଟିମ୍ ସଦସ୍ୟଙ୍କ ପ୍ରଶିକ୍ଷଣ ଶିବିର ଓ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଏସିଏଫ୍ ଫାଲଗୁନି ବେହେରା, ମଦନ ମୋହନ ମହାନ୍ତ ଓ ପ୍ରଶିକ୍ଷକ ଭାବେ ସ୍ୱରୂପ ଫୁଲଣ୍ଡନ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଜଙ୍ଗଲରେ ଜୀବଜନ୍ତୁଙ୍କ ସୁରକ୍ଷା ଓ ବିପଦରେ ପଡ଼ିଥିବା ଜନ୍ତୁମାନଙ୍କୁ କିପରି ଉଦ୍ଧାର କରାଯିବା ସେ ସମ୍ପର୍କୀତ କୌଶଳ ବୁଝାଇଥିଲେ। ସ୍ଥାନୀୟ ନଗର ବାଟିକାଠାରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କରଞ୍ଜିଆ ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ, ଦୁଧିଆଣୀ ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ପୃଷ୍ଟି ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

### ବେପାରୀଙ୍କୁ ଧରିଲେ, ଅବକାରୀ କାର୍ଯ୍ୟାଳୟ ଘେରିଲେ

**ଉଦଳା,୨୩ା୭(ସନ୍ତୋଷ କୁମାର ବାଛିନି)**



ମହିଳାମାନେ ଅବକାରୀ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଉଦଳା ଥାନା ଅଧୀନ ନାବରା ଗ୍ରାମର ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ ଚଳାଇ ମଦ ବେପାରୀଙ୍କୁ ଧରିବା ସହ ଅବକାରୀ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ସନ୍ତୋଷ କୁମାର ମହାକୁଡ ନାମକ ଜଣେ ବ୍ୟକ୍ତି ଚୋରା ଦେଶୀ ମଦ ବିକ୍ରି କରୁଥିବା ଗ୍ରାମର ମହିଳାମାନେ ଜାଣିବା ପରେ ମଙ୍ଗଳବାର ତାଙ୍କୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ। ଏହା ସହିତ ମଦ କାରବାର ରୋକିବା ଦାବିରେ ଶତାଧିକ ମହିଳା ଅବକାରୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି।

## ବାରିପଦା ବନାଞ୍ଚଳରେ ଚୋରା ବେପାରୀ ସକ୍ରିୟ

**ବାରିପଦା,୨୩ା୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

**ଧରାପଡ଼ିଲା ପଥର ବୋଝେଇ ଟ୍ରକ୍, ଖସିଗଲା କାଠ ଭର୍ତ୍ତି ମିନିଟ୍ରକ୍**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବାରିପଦା ବନଖଣ୍ଡ ଅଞ୍ଚଳରେ ପଥର ଓ କାଠ ବେପାରୀ ସକ୍ରିୟ ହୋଇଛନ୍ତି। ବେଆଇନ ଭାବେ ବ୍ଲାଷ୍ଟିଂ କରି ପଥର ବୋଝେଇ ଟ୍ରକ ଗୁଡିକରେ ଚୋରା ଚାଲାଣ କରାଯାଉଥିବା ବେଳେ କାଠ ବୋଝେଇ ଗାଡି ଗୁଡିକ ନିର୍ଭୟରେ ସୀମା ପାର ହେଉଛନ୍ତି । ବନବିଭାଗର କର୍ମଚାରୀମାନେ କାଁଭାଁ ଜବତ କରୁଥିବା ବେଳେ କିଛି ଗାଡ଼ିକୁ ଧରିବାରେ ସକ୍ଷମ ହୋଇପାରୁ ନାହାନ୍ତି । ଏହାକୁ ନେଇ ଜିଲାରେ ଉଦ୍‌ବେଗ ପ୍ରକାଶ ପାଉଛି। ପଥର ବୋଝେଇ ଟ୍ରକକୁ ବନ ବିଭାଗ ଧରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରୁଥିବାରୁ ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ସୂଚନାଯୋଗ୍ୟ, ବାରିପଦା ଷ୍ଟେଶନ ବଜାର ଆହାରି ଜଙ୍ଗଲ ଦେଇ ଟ୍ରକଟି ଯାଉଥିବା ସମୟରେ ମହୁଲିଆଠାରେ ଏକ ପଥର ବୋଝେଇ ଟ୍ରକକୁ ସୋମବାର ବଡିଭୋରରେ ବନି ବାଭଗ ଅଟକାଇଥିଲା। ବୋଝେଇ ହୋଇଥିବା ପଥର ଚାଲାଣ ସମ୍ପର୍କିତ ପରମିଟ କିମ୍ବା ଆବଶ୍ୟକ କାଗଜପତ୍ର ନ ଥିବାରୁ ଟ୍ରକକୁ କାର୍ଯ୍ୟାଳୟକୁ ଆଣିଥିଲେ। ଲଘୁ ଖଣିଜ ଚୋରା ଚାଲାଣ ଅଭିଯୋଗରେ ଟ୍ରକକୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ବୋଲି ବାରିପଦା ରେଞ୍ଜର ଶ୍ରଦ୍ଧେୟ ମନ୍ତ୍ରୀ କହିଛନ୍ତି। ତେବେ ଟ୍ରକରେ ବୋଝେଇ ହୋଇଥିବା ପଥର କେଉଁଠାରୁ ଆସିଛି ତାହାକୁ ନେଇ କୌଣସି ସ୍ୱଷ୍ଟୀକରଣ ଦେଇନାହାନ୍ତି । ଏହି ବେଆଇନ ପରିବହନକୁ ନେଇ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏ ନେଇ ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ କୁହନ୍ତି, ପଥର ବୋଝେଇ ଟ୍ରକକୁ ନେଇ ବାରିପଦା ତହସିଲଦାରଙ୍କୁ ଅବଗତ କରାଯାଇଛି। ମିଳିତ ତଦନ୍ତ କରି ରୟାଲଟି ଓ ପେନାଲଟୀ ବାବଦରେ ଫାଇନ ଆଦାୟ କରାଯିବ ବୋଲି ସେ କହିଛନ୍ତି। ସେହିପରି ବେତନଟୀ ପୋଲିସ ମଙ୍ଗଳବାର ଓରା ଚାନ୍ଦାବିଲା ହାଟକୁ ମଦ ଚଢାଉ ପାଇଁ ଯାଇଥିବା ବେଳେ ଏକ କାଠ ବୋଝେଇ ମିନି ଟ୍ରକ ବୁଢୀଖମାରୀ-ଆହାରୀ ରାସ୍ତାରେ ଯାଉଥିଲା। ତେବେ ପୋଲିସକୁ ଚକମା ଦେଇ କାଠ ଗାଡି ଖସି ପଳାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଚୋରା କାଠ ବେପାରୀମାନେ ବାରିପଦା ବନାଞ୍ଚଳରୁ ଦିନରାତି ମୂଲ୍ୟବାନ କାଠ କାଟି ଚାଲାଣ କରୁଥିଲେ ହେଁ ବନ ବିଭାଗ ନ ଜାଣି ପାରିବା ତଦନ୍ତ ସାପେକ୍ଷ।

## 'ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ଜରୁରୀ'

**କେନ୍ଦୁଝର,୨୩ା୭**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଶୃଙ୍ଖଳିତ ଦାୟିତ୍ୱବାନ ଛାତ୍ର ସଂଗଠନ ହିସାବରେ ଦୀର୍ଘ ୭୬ ବର୍ଷ ଧରି ସାମାଜିକ ଓ ଶିକ୍ଷା କ୍ଷେତ୍ରରେ କାମ କରି ଆସୁଛି। ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କୁ ଯୋଡିବା ପାଇଁ ମହା ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରି ସାରିଲାଣି। ଏହି କ୍ରମରେ ଚଳିତ ଶିକ୍ଷା ବର୍ଷରେ ଏବିଭିପି କେନ୍ଦୁଝରରେ ୧୦ ହଜାରରୁ ଉର୍ଦ୍ଧ୍ୱ ସଦସ୍ୟତା ଯୋଡ଼ିବାର ଲକ୍ଷ୍ୟ ରଖିଥିବା ଖବରଦାତା ସମ୍ମିଳନୀରେ କୁହାଯାଉଛି। ସେହିପରି ଓଡ଼ିଶାରେ ଦୀର୍ଘ ୬ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ହେଉଛି। ରାଜ୍ୟରେ ଅଧ୍ୟାପକ ମରୁଡି, କ୍ୟାମ୍ପସରେ ଶୈକ୍ଷିକ ବାତାବରଣକୁ ବିଜୁ ଛାତ୍ର ଜନତା ଦଳ ଏବଂ ଅନେକ ରାଜନୈତିକ ଦଳମାନେ ନଷ୍ଟ କରିବାରେ ସଫଳ ହେଉଛନ୍ତି। ଏବିଭିପି କେନ୍ଦୁଝର ତରଫରୁ ପ୍ରତ୍ୟେକ କ୍ୟାମ୍ପସରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି। ବ୍ୟକ୍ତିତ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତା ରହିଛି। ଛାତ୍ର ସଂସଦ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନର ବାଟ ଫିଟିବ ବୋଲି ଏବିଭିପି ପକ୍ଷରୁ କୁହାଯାଉଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ, ମୟୂରଭଞ୍ଜ ବିଭାଗ ସଂଯୋଜକ ଅଜିତ କୁମାର ମହାନ୍ତ, କେନ୍ଦୁଝର ଜିଲା ସଂଯୋଜକ ପ୍ରୀତମ ନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୋସ୍ତୁବ କିରଣ ମାନସିଂହ, ମୟୂରଭଞ୍ଜ ବିଭାଗ ଛାତ୍ରୀ ପ୍ରମୁଖ ପ୍ରୀତିରାଣୀ ଗିରି ଓ ବିଭୁତି ଭୁଷଣ ସାହୁଙ୍କ ସମେତ ଜିଲାର ବହୁ ବିଦ୍ୟାର୍ଥି ପରିଷଦ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ଆତ୍ମହତ୍ୟା

**ଗୋପବନ୍ଧୁ ନଗର,୨୩ା୭**
**(ଶାନ୍ତନୁ କୁମାର ମଡୁଆଲ)**

ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଡିଗିସାହିର ଜଣେ ଯୁବକ ଚେନ୍ନାଇକୁ କାମ କରିବାକୁ ଯାଇଥିବା ବେଳେ ରବିବାର ରାତିରେ ସଠାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ସନ୍ୟାସୀ ଦେହୁରୀ (୩୨)। ବର୍ଷେ ତଳେ ସେ ଚେନ୍ନାଇ କାମ କରିବାକୁ ଯାଇଥିଲେ। ତେବେ ତାଙ୍କ ସହ ଯାଇଥିବା ସ୍ତ୍ରୀ ଓ ଦୁଇ ସନ୍ତାନ ଦୁଇ ସପ୍ତାହ ତଳେ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଘରକୁ ଫେରି ଆସିଥିଲେ। ମାତ୍ର ସନ୍ୟାସୀ ସେଠାରେ ଏକୁଟିଆ ଥିବା ବେଳେ ରବିବାର ରାତିରେ ରହୁଥିବର କ୍ୱାର୍ଟର୍ସ ମଧ୍ୟରେ ଆତ୍ମହତ୍ୟା କରିଛନ୍ତି। ସୋମବାର କମ୍ପାନୀର ଲୋକ ଘଟଣା ଜାଣିବା ପରେ ତାଙ୍କ ଘରକୁ ଖବର ଦେଇଥିଲେ। ଚେନ୍ନାଇ ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆତ୍ମହତ୍ୟାର କାରଣ ସ୍ୱଷ୍ଟ ହୋଇନାହିଁ। ସେ ୭ ବର୍ଷ ତଳେ ବିବାହ କରିଥିଲେ। ତାଙ୍କ ମୃତଦେହ କିପରି ଘରେ ପହଞ୍ଚିବ ସେ ନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

# ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା

**ବୈଶିଙ୍ଗା,୨୩ା୭(ରତନ ଦାଶ)**

ମୟୂରଭଞ୍ଜ ଜିଲା ବେତନଟୀ ଏମ୍‌ପିସି ହାଇସ୍କୁଲ ପରିସରରେ 'ପ୍ରତିଭା ପୂଜନ ଅନୁଷ୍ଠାନ'ର ୩ୟ ପ୍ରତିଭା ସମ୍ବର୍ଦ୍ଧନା ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲକାରୀ ୨୧ଜଣ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ମାନପତ୍ର, ଉପଢୌକନ, ମେଡାଲ, ନାରିକେଳ, ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ଗୋଟିଏ ଲେଖାଏ ଚାରାଗଛ ରୋପଣ ନିମନ୍ତେ ପ୍ରଦାନ କରାଯାଇଥିଲା।

ସଭାରେ ମାନବଧର୍ମ ପ୍ରଚାରକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟ ତଥା ଖବରଦାତା ଅରୁଣ କୁମାର ଓତା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ମୁଖ୍ୟ ଟ୍ରଷ୍ଟି ସଚ୍ଚିଦାନନ୍ଦ ମହାନ୍ତି। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ବୀରଭଦ୍ରସିଂ, ପୂର୍ବତନ ଅଧ୍ୟକ୍ଷ(ଡି.କେ କଲେଜ, ଜଳେଶ୍ୱର) ବିପିନ ବିହାରୀ ବିଶ୍ୱାଳ, ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଡ. ରମାକାନ୍ତ ସିଂହ ଯୋଗଦେଇ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଧରମାନଙ୍କୁ ସମ୍ମୁଖଭାଗକୁ ଆଣିବାରେ ପ୍ରତିଭା ପୂଜନ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ଦୈନିକ ସମାଜର ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ସମ୍ବର୍ଦ୍ଧନା ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ଆହୁରି ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ସଭାରେ ଝୁମରରାଣୀ ବିନ୍ଦୁମତୀ ମହାନ୍ତ ଝୁମର ସଂଗୀତ ଓ କୁମାରୀ ସୁହାନୀ ସାଇ ଜେନା ଭଜନ ପରିବେଷଣ କରିଥିଲେ। ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।



ମଞ୍ଚରେ ଉପସ୍ଥିତ ସମ୍ବର୍ଦ୍ଧିତ ପ୍ରତିଭା ଓ ଅତିଥିମାନେ।

# କଲେଜ ଗୃହ ନିର୍ମାଣ ଅଧାପନ୍ତରିଆ

**ଗୋପବନ୍ଧୁ ନଗର,୨୩ା୭**
**(ଶାନ୍ତନୁ କୁମାର ମଡୁଆଲ)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ୧୫ ଲକ୍ଷ ଟଙ୍କା ଅନୁଦାନର ନିର୍ମିତ ଗୃହ ୨ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଏନେଇ ପରିଚାଳନା କମିଟିର ସଭାପତି ସୁମନ୍ତ କୁମାର ଦାସ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୨୨ରେ କନଫରେନ୍ସ ହଲ୍ ନିର୍ମାଣ ପାଇଁ ସରକାରୀ ଚିଠି ନଂ. ୨୬୪୯୬/୨୯।୬।୨୨ରେ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏବେ ଛାତ ଗୃହ ଯେଉଁଠି ନିର୍ମାଣ ହୋଇଛି ସେଠାରେ ପୂର୍ବରୁ ଆଜବେଷ୍ଟସ ଘର ଥିଲା। ପୁରୁଣା ଆଜବେଷ୍ଟସକୁ ଖୋଲି ନୂତନ କଲମ ଉଠାଇ ଏହି ଘର ନିର୍ମାଣ ହୋଇଛି। ସେହି ପୁରୁଣା କାନ୍ଥ ରହିଛି। ମାତ୍ର ଇତି ମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ ନୂତନ ଘରର କବାଟ, ଝରକା, ଚଟାଣ, ରଙ୍ଗ, ବିଦ୍ୟୁତୀକରଣ ସମେତ ୨୦ ପ୍ରତିଶତ କାମ ବାକି ରହିଛି। ଫଳରେ ଉକ୍ତ ଗୃହ କୌଣସି କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। ତେବେ ଘର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନ ଥିବା ଓ ନିମ୍ନମାନର କାର୍ଯ୍ୟ ହୋଇଥିବା ପରିଚାଳନା କମିଟିର ସଭାପତି ଦାସ ଅଭିଯୋଗ କରିଛନ୍ତି। ଉକ୍ତ କାର୍ଯ୍ୟକୁ କୌଣସି ଠିକାଦାର କରି ନ ଥିବା ବେଳେ ତତ୍‌କାଳୀନ କଲେଜ ଅଧ୍ୟକ୍ଷା କବିତା ପରିଡ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ହୋଇଥିଲା। ଏ ସଂକ୍ରାନ୍ତରେ ପୂର୍ବତନ ଅଧ୍ୟକ୍ଷା ପରିଡ଼ାଙ୍କୁ ପଚାରିବାରୁ ଘର ନିର୍ମାଣ କାର୍ଯ୍ୟ ସରିବା ପରେ ସେତେବେଳର କଲେଜ ସଭାପତି ଉପ ଜିଲାପାଳ ସୁଶାନ୍ତ କୁମାର ବାରିକ ତଦନ୍ତ କରିଥିଲେ ଓ ଆବଶ୍ୟକ ସମସ୍ତ ଭାଉଚର ତାଙ୍କ ନିକଟରେ ପେଶ କରାଯାଇଥିବା କହିଛନ୍ତି। ତେବେ ଘରର ୨୦ ପ୍ରତିଶତ ବାକି ରହିଥିବା କାର୍ଯ୍ୟ କଲେଜ ହେଡ୍‌ରୁ ଖର୍ଚ୍ଚ ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ଅଧ୍ୟକ୍ଷ ପଦରୁ ହଟି ଯାଇଥିବାରୁ ଆଉ ଗୃହ କାର୍ଯ୍ୟ ଆଗକୁ ଆଗେଇ ପାରି ନ ଥିବା କହିଛନ୍ତି। ପରିଚାଳନା କମିଟିର ସଭାପତିଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ତାଙ୍କୁ ବଦନାମ କରିବାର ଏହା ଏକ ଚକ୍ରାନ୍ତ ବୋଲି ପରିଡ଼ା କହିଥିବା ବେଳେ ଉକ୍ତ ଘଟଣାର ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନର ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା ମଧ୍ୟ ଘଟଣାର ତଦନ୍ତ କରିବା ପାଇଁ ଦାବି କରିଛନ୍ତି।



ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା କଲେଜ ଗୃହ।

